# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**22 November – 2025**

**********************************

## ମୁଖ୍ୟ ସମ୍ବାଦ

- ବୈଶ୍ୱିକ, ସାମାଜିକ ସୁରକ୍ଷା ସୁନିଶ୍ଚିତ କରୁଛି ନୂତନ ଶ୍ରମ ଆଇନ୍ ।
- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ୪୪ତମ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ରାଜ୍ୟ ଦିବସ ପାଳିତ
- ଆସନ୍ତା ବର୍ଷ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରାଯିବ : କହିଲେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ।

ଏବଂ

- ଦକ୍ଷିଣ ଆଣ୍ଡାମାନ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି : ଆସନ୍ତା ସୋମବାର ସୁଦ୍ଧା ଅବପାତ ରୂପ ନେବା ସମ୍ଭାବନା ।

# ପିଏମ୍-ଲେବର କୋଡ୍‌ସ

ଦେଶରେ ଶ୍ରମ ଆଇନ୍‌ଗୁଡ଼ିକୁ ଅଧିକ ସରଳ ତଥା ସୁସଂହତ କରିବା ଉଦ୍ଦେଶ୍ୟରେ ସରକାର ଚାରୋଟି ନୂତନ ଶ୍ରମ ସଂହିତା ଲାଗୁ କରିଛନ୍ତି । ସେଗୁଡ଼ିକ ହେଲା – ମଜୁରୀ ସଂହିତା ୨୦୧୯, ଔଦ୍ୟୋଗୀକ ସମ୍ପର୍କିତ

ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବ୍ୟବସାୟିକ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟାବସ୍ଥା ସଂହିତା ୨୦୨୦ ।

ଏହି ସଂହିତାଗୁଡ଼ିକ ମାଧ୍ୟମରେ ବୈଶ୍ୱିକ ସାମାଜିକ ସୁରକ୍ଷା, ସର୍ବନିମ୍ନ ଏବଂ ଠିକ ସମୟରେ ମଜୁରୀ ପ୍ରଦାନ, ସୁରକ୍ଷିତ କାର୍ଯ୍ୟସ୍ଥଳୀ ଏବଂ ସର୍ବସାଧାରଣ ବିଶେଷ କରି ମହିଳା ଓ ଯୁବବର୍ଗଙ୍କ ଲାଗି ଆର୍ଥିକ ସୁଯୋଗ ସୁନିଶ୍ଚିତ କରାଯାଇପାରିବ।

ନୂତନ ଭାବେ ଲାଗୁ କରାଯାଇଥିବା ଆଇନ୍‌କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି । ଏହି ପଦକ୍ଷେପ ଶ୍ରମିକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିପାରିବ ବୋଲି ବଲାଙ୍ଗୀରର ଶ୍ରମିକ ନେତା ବିଭୁଦତ୍ତ ମିଶ୍ର ଆକାଶବାଣୀକୁ କହିଛନ୍ତି...

**- V/O -**

କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ଏହି ଆଇନ୍‌କୁ ସ୍ୱାଗତ କରାଯାଇଛି । ନୂତନ ଆଇନ୍ ଶ୍ରମକ୍ଷେତ୍ରରେ ସକରାତ୍ମକ ପରିବର୍ତ୍ତନ ଆଣିବା ସହ ଉଭୟ ଶ୍ରମିକ ଏବଂ ଶ୍ରମ ଯୋଗାଣକାରୀ ସଂସ୍ଥା ଏହାଦ୍ୱାରା ଉପକୃତ ହେବେ ବୋଲି ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ଶାନ୍ତନୁ କୁମାର ମଲ୍ଲିକ କହିଛନ୍ତି ।

ନୂତନ ଆଇନ୍‌ରେ ଶ୍ରମିକଙ୍କ କଲ୍ୟାଣ, ସୁରକ୍ଷା ଓ ସମାନ କାମ ପାଇଁ ସମାନ ପାରିଶ୍ରମିକର ବ୍ୟବସ୍ଥା ରହିଛି । ଭାରତୀୟ ମଜଦୁର ସଂଘର

ନୂଆପଡା ଜିଲ୍ଲା ସଭାପତି ପ୍ରଦୀପ ଦଣ୍ଡସେନା ଆଇନ୍ ସମ୍ପର୍କରେ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

# ବାଣିଜ୍ୟମେଳା

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଜି ଓଡ଼ିଶା ରାଜ୍ୟ ଦିବସ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି । ମୁକ୍ତାକାଶ ରଙ୍ଗମଂଚରେ ଓଡ଼ିଶାର ସାଂସ୍କୃତିକ ବିଭବ ସମ୍ବଲପୁରୀ ନୃତ୍ୟନାଟିକା, ପଶୁମୁଖା ନୃତ୍ୟ, ଘୁମୁରା ନୃତ୍ୟ, ଜନାଜାତି ନୃତ୍ୟ ଆଦି ପ୍ରଦର୍ଶିତ ହେଉଛି ।

# ନକ୍ସଲ ବିରୋଧୀ–ସମୀକ୍ଷା

ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ କନ୍ଧମାଳ ଗସ୍ତରେ ଆସି ନକ୍ସଲ ବିରୋଧୀ ଅପରେସନର ଆଜି ସମୀକ୍ଷା କରିଛନ୍ତି । ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ଖୁରାନିଆ କହିଛନ୍ତି ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଭାରତ ନକ୍ସଲମୁକ୍ତ ହେବ । ଚଳିତବର୍ଷ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ

ଓଡ଼ିଶାରୁ ୧୯ଜଣ ନକ୍ସଲ ନିହତ ହୋଇଛନ୍ତି । ରାଜ୍ୟର ସର୍ବାଧିକ ନକ୍ସଲପ୍ରବଣ ଜିଲ୍ଲା ତାଲିକାରେ କନ୍ଧମାଳ ରହିଥିବାରୁ ମାଓ ମୁକାବିଲା ଅଭିଯାନ ସେହିଠାରୁ ଆରମ୍ଭ ହେବ ବୋଲି ପୁଲିସ ମହାନିର୍ଦ୍ଦେଶ ଶ୍ରୀ ଖୁରାନିଆ କହିଛନ୍ତି...

**- V/O -**

ବୈଠକରେ ନକ୍ସଲ ଓ ମାଓବାଦୀ ସମସ୍ୟା ବ୍ୟତୀତ ଗଞ୍ଜେଇ ଚାଷ ଏବଂ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଉପରେ ମଧ୍ୟ ଶ୍ରୀ ଖୁରାନିଆ ସମୀକ୍ଷା କରିଥିଲେ ।

# ଆଇନ୍ ଶୃଙ୍ଖଳା–ସମୀକ୍ଷା

ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲା ଆଇନ୍ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ମାଓବାଦୀ ଗତିବିଧି, ଗଞ୍ଜେଇ ଚୋରା ଚାଲାଣ ଆଦି ପ୍ରସଙ୍ଗରେ ଶ୍ରୀ ଖୁରାନିଆ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

# ଆଇ.ଏଫ୍.ଏଫ୍.ଆଇ. - ଗୋଆ

ଗୋଆରେ ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ.–୨୦୨୫ ଆରମ୍ଭ ହୋଇଛି। 'ସୃଜନଶୀଳତା ଓ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ' ଚଳିତବର୍ଷର ବିଷୟବସ୍ତୁ ନେଇ ମହୋତ୍ସବରେ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି । ଚଳଚ୍ଚିତ୍ର ଶିଳ୍ପକୁ ଆଗେଇ

ନେବା ପାଇଁ ମହୋତ୍ସବରେ ଆଜି ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଭାରତର ସିନେମା ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ଏହି ମହୋତ୍ସବରେ ୮୦ରୁ ଅଧିକ ଦେଶର ପ୍ରତିନିଧି, ଚଳଚ୍ଚିତ୍ର ନିର୍ମାତା ଅଂଶଗ୍ରହଣ କରିବା ସହ ୨୭୦ରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଉଛି।

ମହୋତ୍ସବରେ ସଂଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ ଯୋଗଦେଇଛନ୍ତି । ଓଡ଼ିଶାର ସୃଜନଶୀଳ ଅର୍ଥନୀତିକୁ ଆହୁରି ସମୃଦ୍ଧି କରିବା ପାଇଁ ଅଭିନବ ଉପାୟ ଅନୁସନ୍ଧାନ କରିବା ଲାଗି ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଏକ ମଞ୍ଚ ପ୍ରଦାନ କରୁଛି ବୋଲି ସେ କହିଛନ୍ତି...

**- V/O –**

# ପ୍ରସ୍ତୁତି ବୈଠକ

ନୟାଗଡ ଜିଲ୍ଲା ମହୋତ୍ସବ ୨୦୨୫ ଆୟୋଜନ ନେଇ ଜିଲ୍ଲାପରିଷଦ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାସ ୨୪ ତାରିଖରେ ନୟାଗଡ ଷ୍ଟାଡିୟମରେ ୫ ଦିନ ଧରି ଏହି ମହୋତ୍ସବ ଆୟୋଜିତ ହେବ ବୋଲି ନିଷ୍ପତ୍ତି ହୋଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୟାଗଡ, ଦଶପଲ୍ଲା ଓ

ଖଣ୍ଡପଡାର ବିଧାୟକଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଧାନସଂଗ୍ରହ ବୈଠକ

ରାୟଗଡା ଜିଲ୍ଲାସ୍ତରୀୟ ଧାନସଂଗ୍ରହ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାସ ୧୭ ତାରିଖରୁ ଜିଲ୍ଲାରେ ଧାନମଣ୍ଡି ଆରମ୍ଭ ହେବାକୁ ସ୍ଥିର ହୋଇଥିବାବେଳେ ୧୪ଟି ଲ୍ୟାମ୍ପ୍ସ ଅଧୀନରେ ୧୩ଟି ମଣ୍ଡିରେ ଧାନ କିଣାଯିବାକୁ ସ୍ଥିର ହୋଇଛି । ଜିଲ୍ଲାରେ ମୋଟ ୨୧ହଜାର ୪୮୬ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି । ଚଳିତ ଖରିଫ ବର୍ଷରେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ୭୩ହଜାର ୨୦୦ ମେଟ୍ରିକ ଟନ୍ ଧାନ ଚାଷୀମାନଙ୍କଠୁ କିଣାଯିବ ।

## ଧାନମଣ୍ଡି ଖୋଲିବ

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ଆସନ୍ତା ମାସ ୧୬ ତାରିଖରେ ଏବଂ ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ୨୩ ତାରିଖ ଦିନ ଧାନମଣ୍ଡି ଖୋଲିବ । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ସୂଚନା ଦିଆଯାଇଛି । ଧାନମଣ୍ଡି

ଖୋଲିବା ପୂର୍ବରୁ ମଣ୍ଡିରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ସ୍ଥିର ହୋଇଛି ।

## ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ

ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୬ତମ ଜୟନ୍ତୀ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରସ୍ଥିତ ମଣ୍ଡଳ କାରାଗାରରେ ପାଳନ କରାଯାଇଛି । ମଣ୍ଡଳ କାରାଗାର ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

କୋରାପୁଟ ସଦର ମହକୁମାରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ମେଡ଼ିକାଲ ଛକ ନିକଟରେ ସ୍ଥାପିତ ସହିଦଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ।

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବ୍ଲକସ୍ତରୀୟ ବିଜ୍ଞାନ ମେଳାର ମିଳିତ ଆନୁକୂଲ୍ୟରେ ଫୁଲବାଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜନ କରାଯାଇଛି । ବାଲ୍ ପ୍ରଦର୍ଶନୀରୁ ମନୋନୀତ ହୋଇଥିବା କୃତୀ କୁନି ବୈଜ୍ଞାନିକ ମାନେ ଜିଲ୍ଲାସ୍ତରୀୟ

କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ପ୍ରଦର୍ଶନୀରେ ୧୦୭ଟି ପ୍ରକଳ୍ପରେ ୧୨୦ଜଣ ଛାତ୍ରଛାତ୍ରୀ ଓ ୧୦୭ଜଣ ମାର୍ଗଦର୍ଶିକା ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ ।

## ପ୍ରଶିକ୍ଷଣ ଶିବିର

ବୌଦ୍ଧ ଜିଲ୍ଲା ପରିଷଦ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସମସ୍ୟା ଦୂରୀକରଣ ଏବଂ ଉତ୍ତମ ମାନର ଶିକ୍ଷା ବ୍ୟବସ୍ଥା ଆଦି ପ୍ରସଙ୍ଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## କର୍ମଶାଳା

ନୟାଗଡ ଜିଲ୍ଲା ଖଣ୍ଡପଡାସ୍ଥିତ ପଠାଣିସାମନ୍ତ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନୂତନ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ ସ୍ୱାୟତ୍ତ ଓ ସମାବେଶି କରିବା ଉପରେ କର୍ମଶାଳାରେ ଗୁରୁତ୍ୱପ୍ରଦାନ କରାଯାଇଥିଲା ।

## ସାଧାରଣ ଅଧିବେଶନ

ନୟାଗଡ ଜିଲ୍ଲା ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକାଦଶ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଛି । ବୈଠକରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ, ପାନୀୟ ଜଳ ଓ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଖାଦ୍ୟସୁରକ୍ଷା ଏବଂ ପ୍ରଧାନମନ୍ତ୍ରୀ ଆବାସ ବିଷୟରେ ଆଲୋଚନା କରାଯାଇଥିଲା ।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ସୋମବାର ସୁଦ୍ଧା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗକୁ ଗତିକରି ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଅବପାତର ରୂପ ନେବାର ସମ୍ଭାବନା ରହିଛି । ଆଗାମୀ ୪୮ଘଣ୍ଟା ମଧ୍ୟରେ ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଅଧିକରୁ ଅଧିକ ଘନୀଭୂତ ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ପାଣିପାଗ ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ, ଆସନ୍ତା ବୁଧବାର ଆଡ଼କୁ ଏହା ଅଧିକ ଘନୀଭୂତ ହୋଇ ୨୮ତାରିଖ ବେଳକୁ ବାତ୍ୟାର ରୂପ ନେଇପାରେ । ଓଡ଼ିଶା-ଆନ୍ଧ୍ର ଉପକୂଳ ଦିଗରେ ବାତ୍ୟା ଗତି କରିବାର

ସମ୍ଭାବନା ନେଇ ଆକଳନ କରାଯାଇଥିଲେ ମଧ୍ୟ ଏହା ସ୍ଥଳଭାଗ ଛୁଇଁବା ନେଇ କୌଣସି ସଠିକ୍ ଆକଳନ କରାଯାଇ ପାରିନାହିଁ ।